ଗ୍ରାମୀଣକୃଷିମୌସମସେବା
ଭାରତୀୟପାଣିପାଗବିଭାଗ
ଜିଲ୍ଲାକୃଷିପାଣିପାଗବିଭାଗ
କୃଷିବିଜ୍ଞାନକେନ୍ଦ୍ର,ଗଜପତି
ଓଡିଶାକୃଷିଓବୈଷୟିକବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର-୭୫୧୦୦୩

**Jayashankar Pradhan**
**SMS (Agrometeorology)**

**ସପ୍ତାହ ସଂଖ୍ୟା-୨୩**

**ତାରିଖ:-୧୦.୦୬.୨୦୨୫**

## ଜିଲ୍ଲା-ଗଜପତି

ଗଜପତି ଜିଲ୍ଲାରେ ଗତସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୭.୯° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୪°ସେଲସିୟସ ଥିଲା । ଗତସପ୍ତାହରେ ଜିଲ୍ଲାରେ ୫୬.୫ ମିଲିମିଟର ବର୍ଷା ହୋଇଅଛି ।

## ପାଣିପାଗ ପୂର୍ବାନୁମାନ (ତା. ୧୫.୦୬.୨୦୨୫ ରିଖ ସକାଳ ୮ ଘଣ୍ଟା ୩୦ ମିନିଟ୍ ପର୍ଯ୍ୟନ୍ତ )

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପବନର ବେଗ ୦୩.୦ ରୁ ୦୪.୦ କିଲୋମିଟର ପ୍ରତିଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୬.୦° ସେଲସିୟସ ରୁ ୩୮.୦°ସେଲସିୟସ ଏବଂ ୨୪.୦° ସେଲସିୟସ ରୁ ୨୫.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୮୯ ରୁ ୯୫ ଶତକଡା ଏବଂ ୫୪ ରୁ ୬୩ ଶତକଡା ମଧ୍ୟରେ ରହିପାରେ ।

| ଜିଲ୍ଲା | ତାରିଖ | ବର୍ଷାରପରିମାଣ(ମି.ମି.) | ସର୍ବାଧିକତାପମାତ୍ରା (°ସେ.) | ସର୍ବନିମ୍ନତାପମାତ୍ରା (°ସେ.) | ଆକାଶରେମେଘରପରିମାଣ (ଅକଟା) | ସର୍ବାଧିକଆପେକ୍ଷିକଆର୍ଦ୍ରତା(%) | ସର୍ବନିମ୍ନଆପେକ୍ଷିକଆର୍ଦ୍ରତା(%) | ପବନରବେଗ (କି.ମି. ପ୍ରତିଘଣ୍ଟା) | ପବନରଦିଗ(ଡିଗ୍ରୀ) |
|---|---|---|---|---|---|---|---|---|---|
| ଗଜପତି | ୧୧.୦୬.୨୦୨୫ | ୩୦.୦ | ୩୮.୦ | ୨୪.୦ | ୭ | ୮୯.୦ | ୫୩.୮ | ୩.୦ | ୬୩.୪ |
| | ୧୨.୦୬.୨୦୨୫ | ୧୫.୦ | ୩୮.୦ | ୨୪.୦ | ୬ | ୯୩.୮ | ୬୦.୭ | ୩.୦ | ୯୮.୧ |
| | ୧୩.୦୬.୨୦୨୫ | ୧୫.୦ | ୩୭.୦ | ୨୫.୦ | ୬ | ୯୪.୨ | ୬୧.୮ | ୩.୦ | ୧୨୩.୭ |
| | ୧୪.୦୬.୨୦୨୫ | ୧୦.୦ | ୩୭.୦ | ୨୫.୦ | ୬ | ୯୪.୭ | ୫୯.୪ | ୩.୦ | ୨୦୯.୭ |
| | ୧୫.୦୬.୨୦୨୫ | ୫.୦ | ୩୬.୦ | ୨୪.୦ | ୫ | ୯୩.୨ | ୬୩.୩ | ୪.୦ | ୨୩୯ |

## ପାଣିପାଗ ଭିତ୍ତିକ କୃଷି ଉପଦେଶ

**ସାଧାରଣ ଉପଦେଶ:** ପାଣିପାଗର ପୂର୍ବାନୁମାନକୁ ଲକ୍ଷ୍ୟକରି, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜିଲ୍ଲାରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି।ତେଣୁ, ଚାଷୀ ଭାଇ ମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଂଚନ ଓ ଜଳସେଚନ ଆଗାମୀ ପାଞ୍ଚଦିନ ପାଇଁ  ବନ୍ଦ ରଖିବାକୁ ପରାମର୍ଶ ଦିଆଯାଉଅଛି । ଅମଳ ହୋଇ ସାରିଥିବା ଶସ୍ୟ/ଉତ୍ପାଦକୁ  ସୁରକ୍ଷିତ ସ୍ଥାନକୁ ନେଇ ଯାଆନ୍ତୁ, ଯେପରିକି ବର୍ଷା କାରଣରୁ କୌଣସି କ୍ଷତି ନ ହୁଏ ।  ଅତ୍ୟଧିକ ପବନରୁ ରକ୍ଷା ପାଇବା ପାଇଁ କଖାରୁଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ । ଗାଈଗୋରୁ ମାନଙ୍କୁ ସଫା ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ । ଘାସ ଚରିବା ପାଇଁ ପଶୁ ମାନଙ୍କୁ ଶୁଖିଲା ପାଗରେ କେବଳ ସକାଳ ଏବଂ ସନ୍ଧ୍ୟା ସମୟ ରେ ଛାଡନ୍ତୁ । ପବନରୁ ଆମ୍ବକୁ ରକ୍ଷା କରିବାପାଇଁ ଆମ୍ବଗଛରେ ଜାଲ ଲଗାନ୍ତୁ ।  ପାଣିପାଗର ପୂର୍ବାନୁମାନ ଅନୁସାରେ ଆଗାମୀ ଦିନମାନଙ୍କରେ ଜିଲ୍ଲାରେ ବଜ୍ରପାତ ସହିତ ଅଧିକ ବେଗରେ ପବନ

ବୋହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ଓ ବିଦ୍ୟୁତ ଉପକରଣ ଏବଂ ପାଣିମୋଟର ଚାଲୁ ନ ରଖିବାକୁ ପରାମର୍ଶ ଦିଆଯାଉଅଛି । ଯଦି କୌଣସି ସୁରକ୍ଷିତ ସ୍ଥାନ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । କାଳବୈଶାଖୀ ବର୍ଷା ହେତୁ ଲତା ଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ ତଥା ରଂଯା ମଜବୁତ୍ କରି ଦିଅନ୍ତୁ ।

## ଶସ୍ୟ ଭିତ୍ତିକ କୃଷି ଉପଦେଶ

**ଧାନ:** ଧାନ ମଞ୍ଜିକୁ ଗଜାକରିବା ପାଇଁ ଧାନ କୁ ପାଣିରେ ୨୪ ଘଣ୍ଟା ଭିଜେଇ ଏହା ପରେ ଛାଣି ଓଦା ବସ୍ତା ଘୋଡ଼େଇ ରଖିଲେ ୨୪ ରୁ ୩୦ ଘଣ୍ଟାପରେ ଗାଲି ଗଜା ଫିଟିଥାଏ । ଗାଲି ଗଜା ଧାନ କୁ ତଳିଘରା ରେ ବୁଣା ଯାଏ। ଗଜା ବେଶି ବଡ ହୋଇଗଲେ ଛିଣ୍ଡି ଯିବାର ସମ୍ଭାବନା ଥାଏ ।ତେଣୁ ବର୍ଷା ଛାଡ଼ିଗଲା ପରେ ଯଥାଶୀଘ୍ର ତଳି ଘରା ରେ ଗଜା ଧାନ କୁ ବୁଣନ୍ତୁ ।

**ମକା:** ଏକ ଏକର ମକା ଚାଷ ପାଇଁ ୬-କିଲୋଗ୍ରାମ ବିହନ ଦରକାର ପଡିଥାଏ।ଫଲ୍ ଆର୍ମି ୱାର୍ମନାମକ କୀଟର ପରିଚାଳନା ପାଇଁ ବିହନକୁବୁଣିବା ଆଗରୁଏକ କେଜି ବିହନରେ ୪-ମିଲି **Cyantraniliprole** ୧୯.୮ %+ **Thiamethoxam** ୧୯.୮ % **FS** କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ । ମୂଳସାର ହିସାବ ରେ ଏକରପ୍ରତି ୫୫- କିଲୋଗ୍ରାମ ଡ଼ିଏପି , ୨୫- କିଲୋଗ୍ରାମ ପଟାସ ସାର ପ୍ରୟୋଗ କରନ୍ତୁ । ଉପଯୁକ୍ତ ଗଛ ସଂଖ୍ୟା ରଖିବା ପାଇଁ ମକା ମଞ୍ଜିକୁ ସିଡଡ୍ରିଲ ବ୍ୟବହାର କରି କିମ୍ବା ଲଙ୍ଗଳ ସିଆର ପଛରେ ଧାଡିରେ ୪ ରୁ ୫ ସେ.ମି ଗଭୀରରେ ବୁଣନ୍ତୁ । ମକା ଫସଲରେ ଘାସ ନିୟନ୍ତ୍ରଣ ପାଇଁ, ଶୁଖିଲା ପାଗ ଦେଖି ବୁଣିବାର ୧ ରୁ ୨ ଦିନ ଭିତରେ ଜମିବତର ଥିବା ଅବସ୍ଥାରେ **Atrazine** ଘାସମରା ଔଷଧ ଏକର ପ୍ରତି ୮୦୦-ଗ୍ରାମ ଔଷଧକୁ ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**ହରଡ:** ହରଡର ଉନ୍ନତ ସଅଳ କିସମ ଗୁଡିକ ହେଲା, ପି.ଆର୍.ଜି-୧୭୬ (**PRG-**୧୭୬), ପି.ଆର୍.ଜି-୨୩୫ (**PRG-**୨୩୫) , ଭି.ଏଲ-ଅରହର-୧ (**VL-ARHAR-1**), ଟି- ଅରହର (**T-Arhar**),ଇତ୍ୟାଦି । ହରଡ ର ଉନ୍ନତ ଓ ଡେରିରେ ଅମଳ ହେଉଥିବା କିସମ ଗୁଡିକ ହେଲା ଆଶା (**Asha**), **Laxman**, ମାରୁତି (**Maruti**), ଟି.ଡି.ଆର.ଜି -୫୯ ( **TDRG-59** ), ପନ୍ତ–ଏ –୭ ( **PANT-A-7**), ଜି.ଟି -୧୦୪( **GT-104**) ଇତ୍ୟାଦି । ଧାଡିରେ ବୁଣିବା ପାଇଁ ଏକରପ୍ରତି ସଅଳ ଅମଳ ହେଉଥିବା କିସମ ରୁ ୮- କିଲୋଗ୍ରାମ ଏବଂ ବିଲମ୍ବରେ ହେଉଥିବା କିସମ ପାଇଁ ୬- କିଲୋଗ୍ରାମ ବିହନ ଦରକାର ହୁଏ । ବିହନକୁ ବୁଣିବା ଆଗରୁ ଏକ କେଜି ହରଡ ବିହନରେ ୨-ଗ୍ରାମ **Carbendazim** କିମ୍ବା ୩- ଗ୍ରାମ **Carboxin** ଓ **Thiram** ର ମିଳିତ ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ ହରଡ କୁ ରାଇଜୋବିଅମ ବୀଜାଣୁ କଲଚର ୨୦- ଗ୍ରାମ ନେଇ ଏକ କିଲୋଗ୍ରାମ ବିହନ ରେ ଗୋଳାଇ ଉପଚାର କରନ୍ତୁ ।

## ଉଦ୍ୟାନ ଭିତ୍ତିକ କୃଷି ଉପଦେଶ

**କଖାରୁଜାତୀୟ ପନିପରିବା:** ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ରେ ଉଛୁର ପତ୍ରପୋଡା ରୋଗ ଦେଖାଦେବାର ସମ୍ଭାବନା ଅଛି । ଏହାର ନିରାକରଣ ପାଇଁ ଶୁଖିଲା ପାଗ ଦେଖି **Carbendazim** ୧୨ % + **Mancozeb** ୬୩ % **WP** ର ମିଳିତ ଫିମ୍ପିନାଶକ @ ୨ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଭେଣ୍ଡି:** ବିହନ ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି **70** କିଲୋଗ୍ରାମ **DAP**, ୧୧ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୧୨ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡି କୁ ଧାଡି ୪୫ ସେମି ଏବଂ ଗଛ କୁ ଗଛ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ । ଶଙ୍କର ବିହନ ପାଇଁ ଏକର ପ୍ରତି ୮୭ କିଲୋଗ୍ରାମ **DAP**, ୧୩ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୨୮ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡି କୁ ଧାଡି ୬୦ ସେମି ଏବଂ ଗଛ କୁ ଗଛ ୪୫ ସେମି ବ୍ୟବଧାନରେ ରେ ମଞ୍ଜି ବୁଣନ୍ତୁ ।

**ଲଙ୍କା:** ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି ୪୦୦ **gm Carbendazim** ଓ **Mancozeb**ର ମିଳିତ ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ।

**କଦଳୀ:** କଦଳୀ ଗଛରେ ଘୁଣିପୋକ ବା ଶୁଣ୍ଢ଼ୀ ପୋକର ପରିଚାଳନାପାଇଁକଦଳୀ ବଗିଚାରେ ଏକର ପ୍ରତି ୧୦ଟି **Cosmolure** ଥିବା ସଂଗଆକର୍ଷକ ଯନ୍ତା ବସାନ୍ତୁ । ଗଛ ଲଗାଇବା ବେଳକୁକନ୍ଧାଗୁଡିକୁଉଷୁମ ପାଣିରେ ବୁଡାଇ (୩୦ମିନିଟ) ତା' ପରେ ଲଗାନ୍ତୁ । ଗାତ ଗୁଡିକରେ ୨୫୦ଗ୍ରାମ ନିମ୍ବ ପିଡିଆ କିମ୍ବା ୨୫-୫୦ଗ୍ରାମ ଯେକୌଣସିଦାନାଦାର କୀଟନାଶକ ଦେଇ ଲଗାନ୍ତୁ । ଏହି ପୋକର ଆକ୍ରମଣରୁରକ୍ଷା ପାଇବା ପାଇଁଆକ୍ରାନ୍ତ ଗଛକୁକାଟିଟିକିଟିକିକରିଖରାରେ



**Ph.: 06817 291283 (Off. & Fax)**
**E-mail: damugajapati@gmail.com& kvkgajapati.ouat@gmail.com**

ଶୁଖାଇଦିଅନ୍ତୁ । କଦଳୀ ବଗିଚା ସଫାସୁତୁରା ରଖନ୍ତୁ । ବର୍ଷା ପରେ ଗଛ ପ୍ରତି ୨ମିଲି **Imidacloprid ୩୦SL Injection** କଣା ଉପରୁ ୧୦ସେମି ଛାଡି ତେର୍ଛାରେ ଗଛର କାଣ୍ଡରେ ଦିଅନ୍ତୁ ।

## ପଶୁ ପାଳନ

**ଗାଈ:** ଗାଈଗୋରୁଙ୍କ ଠାରେ ତୁଣ୍ଡ ବା ପାଟି ଘା ସାଧାରଣତଃ ବ୍ୟାକ୍ଟେରିଆ, ଭାଇରସ ଜନିତ ସଂକ୍ରମଣ ଓ ଭିଟାମିନ ଅଭାବରୁ ହୋଇଥାଏ । ଏହା ବ୍ୟତୀତ ଅଧିକଟାଆଁସାଘାସବାନଡା ଚୋବାଇବାରୁ କିମ୍ବା କିଛି ଅସ୍ୱାଭାବିକ ବସ୍ତୁ ଖାଇବା ଦ୍ବାରା ଏହି ରୋଗ ହୋଇଥାଏ । ପ୍ରାଥମିକ ଚିକିତ୍ସା ଭାବରେ ଗାଈଗାରୁଙ୍କ ପାଟି ଭିତର ପରୀକ୍ଷା କରନ୍ତୁ । ପାଟିରେ କିଛି ଅସ୍ୱାଭାବିକ ବସ୍ତୁ ଲାଗିଥିଲେ ବାହାର କରି ଦିଅନ୍ତୁ । ପାଟିକୁ ଖାଇବା ସୋଡା କିମ୍ବା ପଟାସ ପରମାଙ୍ଗାନେଟ ଜଳରେ ଧୋଇ ଦିଅନ୍ତୁ। ଏହାପରେ ଘା ଜାଗାରେ ବୋରୋ ଗ୍ଲିସେରିନ ଲଗାଇ ଦିଅନ୍ତୁ । ସୁଷମଖାଦ୍ୟ ଓ ଭଲ ପାନୀୟଜଳ ଯୋଗାଇ ଦିଅନ୍ତୁ ।

## ମତ୍ସ୍ୟ ପାଳନ

**ମାଛ:** ଶୀଘ୍ର ବଢୁଥିବା କାର୍ପଜାତୀୟ ମାଛ ଯଥା ରୋହୁ, ଭାକୁର ଓ ମିରିକାଳୀ ଏକ ନିର୍ଦ୍ଦିଷ୍ଟ ଅନୁପାତ ୪:୩:୩ଭାଗ ରେ ଚାଷକରିବା ଦ୍ୱାରା ଅଧିକ ଲାଭ ମିଳିଥାଏ । ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫୦୦୦ ଅଙ୍ଗୁଳିଆ ଯାଆଁଳ ଛଡ଼ାଯାଏ । ମାଛ ମାନଙ୍କୁ ବାଦାମ ପିଡିଆ ଓ କୁଣ୍ଡିଆ କୁଣ୍ଡା ସମାନ ଅନୁପାତ ରେ ମିଶାଇ, ଛାଡିବା ଯାଆଁଳ ଓଜନର ଶତକଡା ୫ଭାଗ ଖାଇବାକୁ ଦିଆଯାଏ । ଗୋବର, ୟୁରିଆଓ ସୁପର ଫୋସଫେଟ ପୋଖରୀର ଉର୍ବରତା ପାଇଁ ପକାଯାଏ, ଯାହା ଦ୍ୱାରା ମାଛ ଗୁଡିକ ୮ରୁ ୧୦ମାସ ଭିତରେ ବିକ୍ରି ଯୋଗ୍ୟ ହୋଇଯାନ୍ତି ।

**SENIOR SCIENTIST AND HEAD CUM NODAL OFFICER**
**DISTRICT AGROMET UNIT, KVK GAJAPATI**



**Ph.: 06817 291283 (Off. & Fax)**
**E-mail: damugajapati@gmail.com& kvkgajapati.ouat@gmail.com**